# Akashvani, Sambalpur

## SAMBALPURI NEWS EVENING BULLETIN

## 16 December 2025- 7.02 pm- 7.12 pm.

**********************************************

୧- ବିକଶିତ ଭାରତ ଜି.ରାମ୍.ଜି. ବିଲ୍- ୨୦୨୫ ଲୋକ୍‌ସେବା ନ ହେଲା ଆଗତ୍ ।

- ନୂଆ ଆଇନ୍‌ଥି ହିତାଧିକାରୀଙ୍କୁ ମିଲ୍‌ବା ବଛର୍‌କ ଶହେ ୨୫ ଦିନର୍ କାମ୍ ।

୨- ଓଡ଼ିଶା ଫାର୍ମାସିଉଟିକାଲ୍ ଆଉ ମେଡ଼ିକାଲ୍ ଡିଭାଇସ୍ ନୀତି -୨୦୨୫ ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

- ଭିନ୍ ଭିନ୍ ଫାର୍ମା ଶିଳ୍ପ ସଂସ୍ଥା ସହେତେ ୬ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର ୪୫ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ।

୩- ପୁରୀ ଶ୍ରୀମନ୍ଦିର୍ ନ ଧନୁସଂକ୍ରାନ୍ତି ଅବ୍‌ସରେ ମାହାପୁରୁମାନ୍‌କର୍ ପହିଲି ଭୋଗ ନୀତି ଆଏଜ୍‌ଠାନୁ ହେଲା ମୁଲ୍ ।

ଆଉର୍

୪- ରାଏଜେ ସୁରୁଖୁରୁଥି ଚାଲିଛେ ଧାନ୍‌ଘିନା- କହେଲେ ସମବାୟ ମନ୍ତ୍ରୀ ।

ବି.ଭି. ଜି. ରାମ୍. ଜି ବିଲ୍          ପି.ଆଇ.ବି.

ଲୋକ୍‌ସଭା ନ ଆଏଜ୍ କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ବିକଶିତ୍ ଭାରତ୍ - ରୋଜ୍‌ଗାର୍ ଆଉ ଜୀବିକା ମିଶନ୍ ଗ୍ରାମୀଣ ଲାଗି ଗ୍ୟାରେଂଟି ବି.ଭି. ଜି. ରାମ୍. ଜି ବିଲ୍-୨୦୨୫ ଉପସ୍ଥାପନ୍ କରିଛନ୍ । ତାର୍ ଉତ୍‌ରୁ ବିଲ୍‌କେ ନେଇକରି ଗୃହ ନ ଆଲୋଚନା ମୁଲ୍ ହେଇଛେ । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ରଦ୍ଦ କରିକରି ତାର୍ ଜାଗା ନ ଇ ନୂଆଁ ଆଇନ୍‌କେ କାର୍ଯ୍ୟକାରୀ କରାଯିବା । ବି.ଭି. ଜି. ରାମ୍. ଜି ବିଲ୍-୨୦୨୫ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ସ୍ୱତନ୍ତ୍ର ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ବି.ଭି. ଜି. ରାମ୍. ଜି ବିଲ୍-୨୦୨୫ ଗାଁ ଇଲାକାର୍ ସାର୍ବଜନୀନ୍ କାମ୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ସମନ୍ୱିତ୍ ବିକଶିତ୍ ଭାରତ୍ ଜାତୀୟ ଗ୍ରାମୀଣ ଭିତିଭୂମି ଷ୍ଟାକ୍ ର ଗୁଟେ ପରିକଳ୍ପନା ଆଏ । ଇତାର୍‌ଜରିଏ ଗ୍ରାମୀଣ୍ ଗରିବ୍ ପରିବାର୍‌କେ ବଛର୍‌କ ଶହେ ୨୫ ଦିନର୍ ମଜୁରୀ ଆଧାରିତ୍ ନିଯୁକ୍ତି ସୁନିଶ୍ଚିତ୍ କରାଯିବା । ଇ ବିଲ୍‌ଥି ଗ୍ରାମୀଣ୍ ପରିବାର୍ ସଶକ୍ତିକରଣ୍, ବିକାଶ୍, ସମନ୍ୱୟ ଆଉ ସମ୍ପୂର୍ଣ୍ଣତା ଉପ୍‌ରେ ଧ୍ୟାନ୍ ଦିଆଯାଇଛେ । ଇ ବିଲ୍ ଗ୍ରାମ୍ ପଂଚାୟତ୍‌ମାନ୍‌କେ ପ୍ରଧାନ୍‌ମନ୍ତ୍ରୀ ଗତିଶକ୍ତି ଜରିଏ ଯୋଜ୍‌ନାମାନ୍‌କର୍ ତାଲ୍‌ମେଲ୍ ଆଉ କାର୍ଯ୍ୟାନ୍ୱୟନ୍ ଉପ୍‌ରେ ଆଧାରିତ୍ ଗୁଟେ*

*ବିକଶିତ୍ ଗ୍ରାମ୍‌ପଂଚାୟତ୍ ଯୋଜ୍‌ନା ତିଆର୍ କର୍‌ବା । ଜଲ୍ ସଂରକ୍ଷଣ୍, ମୌଲିକ୍ ଗ୍ରାମୀଣ୍ ଭିତିଭୂମି, ଜୀବିକା ଆଉ ବିପର୍ଯ୍ୟୟ ପ୍ରଶମନ୍ ଉପ୍‌ରେ ଖାସ୍ ଧ୍ୟାନ୍ ଦେବାର୍ ସହେତେ ଚାଷ୍ ସମିଆ ବେଲ୍‌କେ କୃଷି ଶ୍ରମିକ୍ ଯୁଗାବାର୍ ସୁନିଶ୍ଚିତ୍ କର୍‌ବା । ବର୍‌କସ୍ ସାମାଜିକ୍ ଅଡ଼ିଟ୍ ଜରିଏ ଫଟିକ୍ ଆଉ ଉତର୍‌ଦାୟୀ ସୁନିଶ୍ଚିତ୍ କର୍‌ବାର୍ ସହେତେ ଗୁଟେ ଦକ୍ଷ ଆଉ ସଙ୍ଚୋଟ୍ କାମ୍ କାଜ୍ ବ୍ୟବସ୍ଥା ଲାଗି ଡିଜିଟାଲ୍ ସାର୍ବଜୀନନ୍ ଭିତିଭୂମି ଆଧାରିତ୍ ଗୁଟେ ବର୍‌କସ୍ ପ୍ରଶାସନିକ୍ ଢାଂଚା ତିଆର୍ କର୍‌ବା ।*

**ଓଡ଼ିଶା ଫାର୍ମା ସମ୍ମିଲନୀ-ମୁଖ୍ୟମନ୍ତ୍ରୀ          ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ**

ଆଏବା କିଛି ବଛର୍ ଭିତ୍‌ରେ ଓଡ଼ିଶା ଫାର୍ମା କ୍ଷେତ୍ର ନୂଆଁ ଶିଘାଥି ପୁହୁଁଚିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ନ ଆଏଜ୍ ଓଡ଼ିଶା ଫାର୍ମା ସମ୍ମିଲନୀ-୨୦୨୫ କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ମାତର୍‌କ ଦେଢ଼୍‌ବଛର୍ ଭିତ୍‌ରେ ଓଡ଼ିଶା ଶିଳ୍ପର୍ ବବିଧକରଣ୍‌ଥି ସଫଲ୍ ହେଇପାରିଛେ ଆଉ ଫାର୍ମା କ୍ଷେତ୍ର ନ ନୂଆଁ ଅଧ୍ୟାୟ ମୁଲ୍ ହେଇଛେ । ଫାର୍ମା ଆଉ ମେଡ଼ିକାଲ୍ ଡିଭାଇସ୍ କ୍ଷେତ୍ରଥି ନୂଆଁ ପୁଞ୍ଜିବିନିଯୋଗ୍ ସାଙ୍ଗେ ରାଜ୍ୟର୍ ନୂଆଁ ପିଢ଼ିର୍ ଲାଗି ନୂଆଁ ସୁଯୋଗ୍ ସୃଷ୍ଟି ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର- ମୁଖ୍ୟମନ୍ତ୍ରୀ)

ସମ୍ମିଲନୀଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ଫାର୍ମାସିଉଟିକାଲ୍ ଆଉ ମେଡ଼ିକାଲ୍ ଡିଭାଇସ୍ ନୀତି -୨୦୨୫ ର ଶୁଭାରମ୍ଭ କରିଛନ୍ । ଖୋର୍ଦ୍ଧାଠାନେ ଫାର୍ମା ପାର୍କ ଆଉ ମେଡ଼ିକାଲ୍ ଡିଭାଇସ୍ ପାର୍କ ଥାପ୍ନା ଲାଗି ଭିତିପ୍ରସ୍ତର୍ ଥାପ୍ନା କରିଛନ୍ । ସମ୍ମିଲନୀଥି ରାଜ୍ୟ ସର୍କାର୍ ଭିନ୍ ଭିନ୍ ଫାର୍ମା ଶିଳ୍ପ ସଂସ୍ଥା ସହେତେ ୬ ହଜାର୍ ୨ ଶହ ୬୩ କୋଟି ଟଙ୍କାର ୪୫ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ କରିଛନ୍ । ରାଏଜେ ଇ ସବୁ ନୂଆଁ ଶିଳ୍ପ ସଂସ୍ଥା ଥାପ୍ନା ହେଲେ ୩୮ ହଜାର୍ ୪ ଶହ ୬ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । କାର୍ଯ୍ୟକ୍ରମ୍‌ଥି ଶିଳ୍ପ ଆଉ ଦକ୍ଷତା ବିକାଶ୍ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ବିଜୟ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଭାରତ୍-ପାକିସ୍ତାନ୍ ଭିତ୍‌ରେ ୧୯୭୧ ମସିହାଥି ହେଇଥିବା ଯୁଦ୍ଧଥି ଆଝିରର୍ ଦିନେ ଭାରତ୍ ଜିତିଥିଲା । ହେ ବଛର୍ ଡିସେମ୍ବର୍ ୩ ତାରିଖ୍‌ନୁ ମୁଳ୍ ହେଇଥିବା ଯୁଦ୍ଧ ୧୩ ଦିନ୍ ଚାଲିଥିଲା । ପାକିସ୍ତାନ୍ ଠାନୁ ପୂର୍ବ ପାକିସ୍ତାନ୍ ମୁକ୍ତି ପାଇକରି ସ୍ୱାଧୀନ୍ ବାଂଲାଦେଶ୍ ଗଠିତ୍ ହେଇଥିଲା । ଇ ଦିନ୍‌କେ ସୋର୍

ପକେଇକରି ଆଏଜ୍ ସାରା ଦେଶେ ବିଜୟ ଦିବସ୍ ପାଲନ୍ କରାଯାଉଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜୟ ଦିବସ୍ ଅବ୍‌ସରେ ବୀର ଯବାନ୍ ମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନେଇକରି ସେନାର୍ ସାହସ୍, ପରାକ୍ରମ୍ ଆଉ ମାତୃଭୂମି ଲାଗି ନିଷ୍ଠା ସବୁବେଲେ ରାଷ୍ଟ୍ରକେ ଗୌରବାନ୍ୱିତ କରିଆସିଛେ ବଲି କହିଛନ୍ । ଭାରତୀୟ ସେନାର୍ ସ୍ୱଦେଶୀକରଣ୍ ଜରିଏ ସଶକ୍ତିକରଣ୍ ପଦକ୍ଷେପ୍ ଭବିଷ୍ୟତ୍‌ର ପ୍ରତବନ୍ଧକ୍ ଲାଗି ତୟାର୍ ରହେବାର୍ ଦୃଢ଼ ସଂକଳ୍ପକେ ଦର୍ଶଉଛେ ବଲି ରାଷ୍ଟ୍ରପତି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୟ ଦିବସ୍ ଅବ୍‌ସରେ ଭାରତୀୟ ସେନାର୍ ସାହସ୍, ସୌର୍ଯ୍ୟ ଆଉ ସବୁନୁ ବଡ଼ ବଲିଦାନ୍‌କେ ସୁର୍‌ତା କରିଛନ୍ । ଭାରତୀୟ ସୈନିକ୍‌ମାନ୍‌କର୍ ଅଦମ୍ୟ ସାହସ୍ ଆଉ ବଲିଦାନ୍ ଇ ଐତିହାସିକ୍ ବିଜୟକେ ସୁନିଶ୍ଚିତ୍ କରିଥିଲା ବଲି କହିଛନ୍ ।

ବିଜୟ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆମର୍ ବୀର ଯବାନ୍ ମାନ୍‌କର୍ ପରାକ୍ରମ୍ ଆଉ ବଲିଦାନ୍ ଲାଗି ଭାରତ୍ ଇ ଐତିହାସିକ୍ ବିଜୟ ହାସଲ୍ କରିଥିଲା ବଲି କହିଛନ୍ ।

ଧନୁସଂକ୍ରାନ୍ତି- ପୁରୀ        ପୁରୀ ସମ୍ବାଦଦାତା

ଓଡ଼ିଆ ପରମ୍ପରା ଆଉ ଜଗନ୍ନାଥ୍ ସଂସ୍କୃତି ଅନ୍‌ସାରେ ଆଏଜ୍ ଧନୁ ସଂକ୍ରାନ୍ତି ପାଲନ୍ କରାଯାଉଛେ । ସୂର୍ଯ୍ୟ ଆଏଜ୍ ବିଛା

ରାଶିନୁ ଧନୁରାଶିକେ ପ୍ରବେଶ୍ କରିଛନ୍ । ଇ ଅବ୍ସରେ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ପହିଲି ଭୋଗ ନୀତି କରାଯାଇଛେ । ପରମ୍ପରା ଅନ୍ସାରେ ମା ଲକ୍ଷ୍ମୀ ମାସେ ଲାଗି ମା’ ଘର୍କେ ଯାଇଥିବାର୍ନୁ ଇ ସମିଆଥି ମା’ ଯଶୋଦା ମାହାପୁରୁମାନ୍କର୍ ଲାଗି ସୁସ୍ୱାଦୁ ଖାଏବାର୍ ଦରବ୍ ତିଆର୍ କରିଛନ୍ । ପହିଲି ଭୋଗ ଥି ମାହାପୁରୁମାନ୍କୁ ବିର୍ହି, ଗହମ୍ ଗୁଁଡ୍, ଘି’ ପାଗ୍ ହେଇଥିବା ପିଠା ଆଉ ଧନୁମୁଆଁ ଭୋଗ ଲଗାଯାଇଥିଲା ।

ରାଜ୍ୟ ପଣ୍ୟାଗାର୍ ନିଗମ-ଲାଭାଂଶ I&PR

ଓଡ଼ିଶା ରାଜ୍ୟ ପଣ୍ୟାଗାର୍ ନିଗମ୍ ତର୍ଫୁ ଆଏଜ୍ ରାଜ୍ୟ ସର୍କାର୍ ୨୦୨୨-୨୩ ଆର୍ଥିକ୍ ବଛର୍ ଲାଭାଂଶ ଟଙ୍କା ଦିଆଯାଇଛେ । ସମବାୟ ଆଉ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତଙ୍କୁ ୮୧ ଲାଖ୍ ୫୯ ହଜାର୍ ୮ ଶହ ୪୫ ଟଙ୍କାର୍ ଲାଭାଂଶ ବିଭାଗ୍ର କମିଶନର୍ ରାଜେଶ୍ ପ୍ରଭାକର୍ ପାଟିଲ୍ ଆଉ ନିଗମ୍ର ପରିଚାଳନା ନିର୍ଦ୍ଦେଶକ୍ ମିହିର୍ ମହାନ୍ତି ହସ୍ତାନ୍ତର୍ କରିଛନ୍ ।

ଧାନ୍ ଘିନା ଏକ୍ସ

ରାଏଜେ ଏବ୍ତକ୍ ୭ ଟା ମଣ୍ଡି ଖୁଲାଯାଇକରି ଖରିଫ୍ ଧାନ୍ ଘିନା ଚାଲିଛେ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ କହିଛନ୍ । ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍, ବର୍ଗଡ଼୍ ଜିଲ୍ଲା ନ ସବୁନୁ ଜହ ୬୪ ହଜାର୍ ୬ ଶହ ୫୨ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ । ସବୁ ଜାଗା ନ ଟୋକନ୍ ପୁହୁଁଚାବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ସମ୍ବଲ୍ପୁର୍ -ଧାନ୍ ଘିନା        ଆର୍ଏନ୍ୟୁ/ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ନ ଧାନ୍ ଘିନା ଲାଗି ୨ ନମ୍ବର୍ ଖେପ୍ଥି ୧୧ ହଜାର୍ ଟୋକନ୍ ଜାରି କରାଯାଇଛେ । ଖୋବ୍ ଜଲ୍ଦି ଇଟା ଚାଷୀମାନ୍କୁ ବଂଟାଯିବା । ଅଏତ୍କା ଟୋକନ୍ ଯୁଗେଇ ଦେବାର୍ ଲାଗି ଚାଷୀମାନେ ଗଲାକାଏଲ୍ ଦାବି କରିଥିଲେ । ଚାଷୀମାନ୍କର୍ ଦାବି ଆଧାର୍ଥି ଟୋକନ୍ ଯୁଗେଇ ଦିଆଯାଇଛେ ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍...
(ଭଏସ୍ ଓଭର୍- ସମ୍ବଲ୍ପୁର୍ ଜିଲ୍ଲାପାଲ୍)

ବୌଦ୍ଧ - ଧାନ୍ ଘିନା       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଆଏଜ୍ ଧାନ୍ଘିନା ମୁଲ୍ ହେଇଛେ । ଜିଲ୍ଲାର୍ ମନମୁଣ୍ଡା ମାର୍କେଟ୍ ୟାର୍ଡ଼୍ ନ ଜିଲ୍ଲାପାଲ୍ ବିଭୂତି ଭୂଷଣ୍

ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଜିଲ୍ଲାସ୍ତରୀୟ ଧାନ୍ ଘିନା କାର୍ଯ୍ୟକ୍ରମ୍‌ଥି କଂଟାମାଲ୍ ବିଧାୟକ୍ କହ୍ନାଇ ଚରଣ୍ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମଣ୍ଡି ଉଦ୍‌ଘାଟନ୍ କରିଛନ୍ ।

ବାଘ୍ ଛାଲ୍ ଜବତ         ବୌଦ୍ଧ ସମ୍ବାଦଦାତା

ଓଡ଼ିଶା ଭିଜିଲାନ୍ସ ବିଭାଗ୍ ତର୍‌ଫୁ ବୌଦ୍ଧ ଜିଲ୍ଲା ମାଧପୁର୍ ବନାଂଚଲ୍ ଇଲାକା ନ ବାଘ୍ ଛାଲ୍ ବିକୁଥିବାର୍ ବେଲେ ୫ନେ ଶିକାରୀକେ ଗିରଫ୍ କରାଯାଇଛେ । ଶିକାରୀର୍ ପାଖୁ ଅଲ୍‌ଗା ଭିନ୍ ଭିନ୍ ଦରବ୍ ଭିଲ୍ ଜବତ୍ କରାଯାଇଛେ । ବାଘ୍ ଛାଲ୍ ଜବତ୍ ଉତ୍‌ରୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍ ଅନ୍‌ସାରେ ଗୁଟେ ମାମ୍‌ଲା ରୁଜୁ କରାଯାଇଛେ ।

ବିଜ୍ଞାନ୍ ମେଳା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ସର୍‌ସରା ପି.ଏମ୍. ବାବା ବୈଦ୍ୟନାଥ ଉଚ୍ଚବିଦ୍ୟାଳୟ ନ ଚାଲିଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ୍ ମେଳା ଆଉ ବାଲ୍ ବୈଜ୍ଞାନିକ୍ ପ୍ରଦର୍ଶନୀ ଉଦ୍‌ଯାପିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍‌ଲାଲ୍ ଦୁବେଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଯାପନୀ

କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ୱାଟର୍ ସେଡ୍ ମହୋତ୍ସବ         ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଉବ୍‌ଲା ଠାନେ ୱାଟର୍ ସେଡ୍ ମହୋତ୍ସବ୍-୨୦୨୫ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଜଳ ବିଭାଜିକା ଇଲାକା ନ ମୃତିକା କ୍ଷୟ କମ୍ କର୍‌ବାର୍ ସହେତେ ଜଲ୍ ସଂରକ୍ଷଣ୍ ଲାଗି ନଉଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ବୁଝେଇଥିଲେ ।

ପ୍ରବାସୀ ଶ୍ରମିକ-ସଚେତନତା କାର୍ଯ୍ୟକ୍ରମ୍ /ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ରିସିଗାଁ ନ ପ୍ରବାସୀ ଶ୍ରମିକଙ୍କର୍ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଯୋଗ୍ ଦେଇକରି ଲୁକେ ରାଜ୍ୟବାହାର୍‌କେ ଖଟି ଯିବାର୍ ଅପେକ୍ଷା ଗାଁ ନ ରହିକରି ସର୍‌କାରୀ ସାହାଜ୍ ଜରିଏ ଜୀବନ୍‌ଜୀବ୍‌କା ଚଲାବାର୍ ଲାଗି ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ

ଜିଲ୍ଲାପାଲ୍ ଗାଁ ନ ଗୁଟେ ବର୍ତନ୍ ବେଙ୍କ୍ ଉଦ୍‌ଘାଟନ୍ କରିଛନ୍ ।

ଜିଲ୍ଲାସ୍ତରୀୟ ଅକ୍ଷମ ସପ୍ତାହ                ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଏନ୍‌ଏସି କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ଅକ୍ଷମ ସପ୍ତାହ ପାଲନ୍ କରାଯାଇଛେ । ଇ ଅବ୍‌ସରେ ୧୧ ଝନ୍ ନୂଆଁ ହିତାଧିକାରୀଙ୍କୁ ଚିହ୍ନଟ୍ କରାଯାଇକରି ଯୋଜ୍‌ନାଥି ସାମିଲ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧକ୍ଷ ଉଜ୍ଜ୍ୱଲ୍ ଗୁପ୍ତା ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ଭିନ୍ ଭିନ୍ ଭତା ଯୁଗେଇ ଦେଇଛନ୍ ।

ନିର୍ବାଚନୀ ସାକ୍ଷରତା କ୍ଲବ୍ ବୈଠକ୍              କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ନିର୍ବାଚନୀ ସାକ୍ଷରତା କ୍ଲବ୍ ଗଠନ୍ ଲାଗି ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ପାୱାର୍ ସଚିନ୍ ପ୍ରକାଶ୍‌ଙ୍କର୍ ଅଧକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ନିର୍ବାଚନ୍ ପଞ୍ଜିକରଣ୍ ଅଧିକାରୀ, ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍‌ର ଅଧକ୍ଷ, ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ଭିନ୍ ଭିନ୍ ରାଜନୈତିକ୍ ଦଲର୍ ସଦସ୍ୟମାନେ ଉପସ୍ଥିତ୍ ଥିଲେ ।

ନିଯୁକ୍ତି ମେଳା- ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଦକ୍ଷତା ବିକାଶ୍ ନିୟୋଜନ୍ କାର୍ଯ୍ୟାଳୟ ତର୍ଫୁ ଖମ୍ବେଶ୍ୱରୀପାଲି ମା ମାହେଶ୍ୱରୀ ମହାବିଦ୍ୟାଳୟ ନ ଗୁଟେ ନିଯୁକ୍ତି ମେଳା ହେଇଯାଇଛେ । ମେଳାଥି ୩ ଶହ ୪୭ ଝନ୍ ଯୁଆନ୍ ପିଲାଟୁକେଲ୍ ସାମିଲ୍ ହେଇଥିଲେ । ୫ ଟା ନିଯୁକ୍ତିଦାତା ଆଉ ୭ ଟା ତାଲିମ୍‌ଦାତା ସଂସ୍ଥା ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ପଶ୍ଚିମ ଦିଗୁ ଶୁଖା ଥଣ୍ଡା ପବନ୍ ଆସୁଥିବାର୍‌ନୁ ଜବର୍ ଶୀତ୍ ହେଉଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୫ /୬ ଦିନ୍‌ତକ୍ ପାଗ୍‌ଥି ବିଶେଷ୍ ପରିବର୍ତନ୍ ନାଇଁ ହୁଏ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, କୋରାପୁଟ୍ ଆଉ କନ୍ଧମାଲ୍ ନ ବହଲିଆ କୁହୁଡ଼ି ହେବା । କଲାହାଣ୍ଡି, ଝାର୍‌ସୁଗୁଡ଼ା ର ଗୁଟେ ଜୁଡ଼େ ଜାଗା ନ କମ୍ ନୁ ମଧ୍ୟମ୍ ଧରଣ୍ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍ଫୁ ସୂଚ୍‌ନା ଦିଆଯାଇଛେ ।